# CENTRAL UNIVERSITY OF ODISHA, KORAPUT

## OFFICE OF THE PUBLIC RELATIONS

PRE-PRESS RELEASE, DATE: 20.06.2024

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ହିନ୍ଦୀ ସାହିତ୍ୟ ସମ୍ମିଳନୀର ୭୫ତମ ଅମୃତ ମହୋତ୍ସବ ଅଧିବେଶନ**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିସରରେ ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ପ୍ରୟାଗସ୍ଥିତ ହିନ୍ଦୀ ସାହିତ୍ୟ ସମ୍ମିଳନୀର ୭୫ତମ ଅମୃତ ମହୋତ୍ସବ ଅଧିବେଶନ ଅନୁଷ୍ଠିତ ହେବ। ହିନ୍ଦୀ ସାହିତ୍ୟ ସମ୍ମିଳନୀ, ପ୍ରୟାଗ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ମିଳିତ ଆନୁକୂଲ୍ୟରେ ଏହି ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ଦେଶର ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଏବଂ ହିନ୍ଦୀ ସେବାରେ ନିୟୋଜିତ ଥିବା ପ୍ରତିନିଧିମାନେ ଯୋଗଦେବେ।

ଆସନ୍ତା ୨୩ ତାରିଖ ରବିବାର ଅପରାହ୍ନ ୫ଟାରେ ଏହି ସମ୍ମିଳନୀ ଉଦ୍ଘାଟିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ-କୁଳପତି ପ୍ରଫେସର ଆର୍ ଏସ୍ ସରରାଜୁ ଯୋଗଦେବେ। ଅଧକ୍ଷ ଭାବେ ଆଗ୍ରାସ୍ଥିତ କେନ୍ଦ୍ରୀୟ ହିନ୍ଦୀ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁନୀଲ ବାବୁରାଓ କୁଲକର୍ଣ୍ଣି ଓ ଉଦ୍ ଘାଟନୀ ବକ୍ତା ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେବେ।

ଆସନ୍ତା ୨୪ ତାରିଖ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ କଟକ ରେଭେନ୍ସା ମହାବିଦ୍ୟାଳୟର ହିନ୍ଦୀ ବିଭାଗର ପୂର୍ବତନ ମୁଖ୍ୟ ଡ. ଅଜୟ ପଟ୍ଟନାୟକଙ୍କ ଅଧକ୍ଷତାରେ ଅଧିବେଶନ ଅନୁଷ୍ଠିତ ହେବ। ଅପରାହ୍ନ ସାଢ଼େ ୩ଟାରେ ବିଶାଖାପାଟଣାସ୍ଥିତ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଏସ୍ ଏମ୍ ଇକବାଲ ଅଧକ୍ଷତା କରିବେ। ଜୁନ୍ ୨୫ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଭରତ କୁମାର ପଣ୍ଡା ଅଧିବେଶନର ନେତୃତ୍ୱ ନେବେ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ଅଧକ୍ଷତାରେ ଆସନ୍ତା ୨୫ ତାରିଖ ଅପରାହ୍ନ ସାଢ଼େ ୩ଟାରେ ଏକ ଖୋଲା ଅଧିବେଶନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଜାତୀୟ ଭାଷା ହିନ୍ଦୀରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସାହିତ୍ୟ ବାଚସ୍ପତି ସମ୍ମାନ' ଓ 'ସମ୍ମିଳନୀ ସମ୍ମାନ' ପୁରସ୍କାର ପ୍ରଦାନ କରାଯିବ।

୧୯୧୦ ମସିହାରେ ଭାଷାଭିତ୍ତିକ ଅଧୀନତାର ମୁକାବିଲା ପାଇଁ ସ୍ଥାପିତ ହିନ୍ଦୀ ସାହିତ୍ୟ ସମ୍ମିଳନୀ ପ୍ରୟାଗରାଜର ଭାରତର ସାଂସ୍କୃତିକ ଐତିହ୍ୟର ବାହକ ଭାବରେ ଏକ ଗଭୀର ଇତିହାସ ରହିଛି । ୧୯୧୦ ମସିହା ଅକ୍ଟୋବର ମାସରେ କାଶୀର ନାଗରୀ ପ୍ରଚାର ସଭା ଆନୁକୂଲ୍ୟରେ ମହାମନା ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଅଧକ୍ଷତାରେ ପ୍ରଥମ ଅଧିବେଶନ କାଶୀରେ ଅନୁଷ୍ଠିତ ହୋଇଥିଲା । ୧୯୧୮ ଓ ୧୯୩୫ମସିହାରେ ମହାତ୍ମା ଗାନ୍ଧୀ ବାର୍ଷିକ ଅଧିବେଶନରେ ଅଧକ୍ଷତା କରିଥିବା ବେଳେ ୧୯୩୭ମସିହାରେ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଅଧକ୍ଷତା କରିଥିଲେ। ଭାରତ ରତ୍ନ ରାଜର୍ଷି ପୁରୁଷୋତ୍ତମଦାସ ଟଣ୍ଡନ ୧୯୨୩ ମସିହାରେ ଏହି ସଭାରେ ଅଧକ୍ଷତା କରିଥିଲେ ଏବଂ ଅନ୍ୟ ଅନେକ ବିଶିଷ୍ଟ ସାହିତ୍ୟିକ ଏହି ସମ୍ମିଳନୀର ନେତୃତ୍ୱ ନେଇଛନ୍ତି ।

ସାହିତ୍ୟ ସମ୍ମିଳନୀ ପ୍ରୟାଗର ସଭାପତି କୁନ୍ତକ ମିଶ୍ର, ପ୍ରମୁଖ ଅଧିକାରୀ, ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ଏବଂ ଓଡ଼ିଶାର ହିନ୍ଦୀ ପ୍ରେମୀମାନେ ଏହି ସମ୍ମାନଜନକ ଉତ୍ସବକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି।

ଡ. ଫଗୁନାଥ ଭୋଇ,
ଲୋକସମ୍ପର୍କ ଅଧିକାରୀ